# ତହସିଲଦାରଙ୍କ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା

(ଭ୍ରମ ସଂଶୋଧନ)

## ଲଘୁ ଖଣିଜ ପାଇଁ ବିଜ୍ଞପ୍ତି

ବିଜ୍ଞାପନ ସଂଖ୍ୟା [illegible] ତା. ୨୬.୦୮.୨୦୨୨

ଓଡ଼ିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗ ଦ୍ୱାରା ପ୍ରକାଶିତ No. 12160 dt.19.4.2022 ଅନୁଯାୟୀ ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ବିଜ୍ଞାପନ ସଂଖ୍ୟା ୨୪୦ ତା.20.05.2022କୁ ନିମ୍ନ ରେ ଦିଆଯାଇଥିବା ସ୍ତମ୍ଭ ୫ ଓ ସ୍ତମ୍ଭ 10 ର ସଂଶୋଧନ କରାଯାଇ ଆବେଦନକାରୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

| କ୍ର. ସଂ | ସୈରାତ ଖଣି ର ନାମ | ମୌଜାର ନାମ | ଖତିୟାନ ନଂ | ପ୍ଲଟ ନଂ | ରକବା | ସର୍ବନିମ୍ନ ମୂଲ୍ୟ | ଅତିରିକ୍ତ ମୂଲ୍ୟ | ବାର୍ଷିକ ହାରାହାରି ଗେରେଣ୍ଟେଡ ପରିମାଣ | ଅମାନତ ରାଶି | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ଚାନ୍ଦୋତରା ବାଲିଶଯ୍ୟା-କ | ଚାନ୍ଦୋତରା | 145 | 1011 | ଏ.2.30ଡି | 35.00 | 129% | 1050 CUM | 4260 | |
| | | | | 693/1204 | ଏ.5.70 | | | | | |
| | | | | ମୋଟ | ଏ.8.00ଡି | | | | | |
| 2 | ଦେହେଲି ପଥର କ୍ୱାରୀ-C | ଦେହେଲି | 107 | 8 | ଏ.2.00 | 130.00 | 52% | 2025 CUM | 20050 | |
| 3 | ଦେହେଲି ପଥର କ୍ୱାରୀ-D | ଦେହେଲି | 107 | 9 | ଏ.4.00 | 130.00 | 52% | 3060 CUM | 30300 | |
| 4 | ବୋରବାହାଲ ପଥର କ୍ୱାରୀ | ବୋରବାହାଲ | 105 | 1174 | ଏ.0.60 | 130.00 | 74% | 1000 CUM | 11300 | |
| 5 | ସାହାଯୋଟ ପଥରକ୍ୱାରୀ | ସାହାଯୋଟ | 61 | 447 | ଏ.3.80ଡି | 130.00 | 74% | 1260 CUM | 14238 | |

ବି.ଦ୍ର.-: ଉପରୋକ୍ତ ଅତିରିକ୍ତ ମୂଲ୍ୟ ଓ ଅମାନତ ରାଶି ଠାରୁ କମ୍ ନ ହେବା ଆବଶ୍ୟକ । ଏହି ନିୟମ ଅନୁଯାୟୀ **Bank guarantee/ solvency certificate** ଏବଂ EMD ଗୁଡିକ ହୋଇଥିବା ଆବଶ୍ୟକ । ନଚେତ ଦରଖାସ୍ତ ଗୁଡିକ ନାକଚ କରିଦିଆଯିବ । ବାକି ନିୟମଗୁଡିକ ଅପରିବର୍ତ୍ତିତ ରହିବ ।

26/08/2022.

ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner

ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ ଓଡିଶା ମାଇନର ମିନେରାଲ କନସେଶନ ରୁଲ 2016 ଫାରମ ସଂଖ୍ୟା- M ରେ ପୂରଣ କରି ଏହାର ତିନିକପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ସିଲ୍ଡ କଭର ରେ ଆବେଦନ କରିବେ , ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.07.06.2022 ରିଖ ଅପରାହ୍ନ 12.30 ଘଟିକା ସୁଦ୍ଧା(ଛୁଟି ଦିନ ବ୍ୟତିତ) ଡ୍ରପ୍ ବାକ୍ସରେ ଦାଖଲ କରିବେ । ଲଫାପା ଉପରେ ଆବେଦନ କରିଥିବା ଖଣିର ନାମ ଲେଖାଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର୍ କ୍ଷମତା ଭାରପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ବଲାଙ୍ଗିରଙ୍କର ରହିଛି । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡିକ ତା.08.06.2022 ରିଖ ସକାଳ ଘ 9.00ଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡିକ ତନଖି କରାଯିବ । ଯଦି ଏହି ସୈରାତ ଉସ୍ଥ ପାଇଁ ଦରଖାସ୍ତ ଆଦୌ ମିଳି ନ ଥିବ, ତେବେ ଉକ୍ତ ସୈରାତ ଉସ୍ଥ ର ଲିଜ୍ ଦରଖାସ୍ତ ଦ୍ୱିତୀୟ ଦଫା ପାଇଁ ଗ୍ରହଣ କରିବାର ଶେଷ ତାରିଖ ତା.09.06.2022 ସମୟ ଅପରାହ୍ନ 12.30 ଘଟିକା ଅଟେ ଏବଂ ଦରଖାସ୍ତ ଗୁଡିକ ତନଖି ପାଇଁ ତା.10.06.2022 ରିଖ ସକାଳ ଘ.9.00 ଘଟିକା ସମୟରେ ଖୋଲାଯାଇ ତନଖି କରାଯିବ । ଯଦି ଏହି ସୈରାତ ଉସ୍ଥ ପାଇଁ ଦରଖାସ୍ତ ଆଦୌ ମିଳି ନ ଥିବ, ତେବେ ଉକ୍ତ ସୈରାତ ଉସ୍ଥ ର ଲିଜ୍ ଦରଖାସ୍ତ ତୃତୀୟ ଦଫା ପାଇଁ ଗ୍ରହଣ କରିବାର ଶେଷ ତାରିଖ ତା.16.06.2022 ସମୟ ଅପରାହ୍ନ 5.00 ଘଟିକା ଅଟେ ଏବଂ ଦରଖାସ୍ତ ଗୁଡିକ ତନଖି ପାଇଁ ତା.17.06.2022 ରିଖ ସକାଳ ଘ.11.00 ଘଟିକା ସମୟରେ ଖୋଲାଯାଇ ତନଖି କରାଯିବ । ସମସ୍ତ ଆବେଦନ ଓ ତନଖି କାର୍ଯ୍ୟ ବଙ୍ଗୋମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ସମାପନ କରାଯିବ ଏବଂ ସର୍ବୋଚ୍ଚ ଦର (Rate of additional charge) ଧାର୍ଯ୍ୟକରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।

ତହସିଲଦାର, ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା.................. ତାରିଖ..................

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର / ଉପଜିଲ୍ଲାପାଳ, ଟିଟିଲାଗଡ / ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା / ଭାରପ୍ରାପ୍ତ ଥାନାଧିକାରୀ, ବଙ୍ଗୋମୁଣ୍ଡା / ରାଜସ୍ୱ ନିରିକ୍ଷକ, ବଙ୍ଗୋମୁଣ୍ଡା /ତୁଲିଫୁଙ୍କା /ଭାଲୁମୁଣ୍ଡା /ଝରିଆଲ/ ସିନ୍ଧେକେଲା/ଗନ୍ଧର୍ଲା/ ସମ୍ପୃକ୍ତ ଗ୍ରାମ/ ଗ୍ରାମ ପଞ୍ଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା.................. ତାରିଖ..................

ଏହାର ଏକକିତା ନକଲ District Informatics Officer, NIC, Balangirଙ୍କୁ http://balangir.nic.inରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner